ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଗଣତନ୍ତ୍ର ଓ ସଂସଦ ସଂପର୍କରେ ଛାତ୍ରଛାତ୍ରୀମାନେ ଅବଗତ ହେବା ଆବଶ୍ୟକ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୮ ଅଗଷ୍ଟ ୨୦୧୯

ଆଜି ପୂର୍ବାହ୍ଣରେ ଶିକ୍ଷକ ଓ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ 'ଯୁବସଂସଦ ପ୍ରତିଯୋଗିତା' ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟର୍ସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ଆନୁଷ୍ଠାନିକ ଭାବେ ଯୁବ ସଂସଦ ପ୍ରତିଯୋଗିତା ଉତ୍ସବକୁ ଉଦ୍‌ଘାଟନ କରି କହିଲେ ଯେ, ଗଣତନ୍ତ୍ର ଓ ସଂସଦ ସଂପର୍କରେ ଛାତ୍ରଛାତ୍ରୀମାନେ ଅବଗତ ହେବାର ଆବଶ୍ୟକତା ରହିଛି । ଭାରତୀୟ ଗଣତନ୍ତ୍ରର ପ୍ରକୃଷ୍ଟ ଆଲୋଚନା ସ୍ଥଳ ଭାବେ ପରିଚିତ ସଂସଦର କାର୍ଯ୍ୟକଳାପ ସମୂହକୁ ଭବିଷ୍ୟତ ନାଗରିକମାନଙ୍କୁ ଅବଗତ କରାଇବା ଏବଂ ସଚେତନ କରାଇବା ସଂପର୍କରେ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର ଯୁବ ସଂସଦ ପ୍ରତିଯୋଗିତାରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ଭାରତର ସାଂପ୍ରତିକ ରାଜନୈତିକ ପଦକ୍ଷେପ, ଶାସକ ଓ ବିରୋଧୀ ଦଳର ଭୂମିକା, କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ, ତିନି ତଲାକ ବିଲ୍‌ର ଉଚ୍ଛେଦ, ଶିକ୍ଷାନୁଷ୍ଠାନମାନଙ୍କରେ ଟ୍ୟୁସନ୍ ଫି ବୃଦ୍ଧି ଇତ୍ୟାଦି ପ୍ରସଙ୍ଗକୁ ପ୍ରତିଯୋଗୀମାନେ ଅତ୍ୟନ୍ତ ଜୀବନ୍ତ ଭାବେ ଉପସ୍ଥାପିତ କରିଥିଲେ ।

ପ୍ରାରମ୍ଭରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଶ୍ରୀ ଗଙ୍ଗାଧର ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଶ୍ରୀମତୀ ସାରଦା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ବିଭାଗ ଦ୍ୱାରା ସମସ୍ତ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଯୁବସଂସଦ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ଦାଶ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ବିଭାଗୀୟ ଉପନିର୍ଦ୍ଦେଶକ ଡ. ନିବେଦିତା ନାୟକ ଯୁବସଂସଦ ପ୍ରତିଯୋଗିତାର ପରିଚାଳନା କରିଥିବାବେଳେ ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ